ଧରିତ୍ରୀ
DHARITRI
September 13-19, 2020 ₹ 2/-

# ଛୁଟିଦିନ



# ଗୁପ୍ତଧନ

୩
ପ୍ରଚ୍ଛଦ ପ୍ରସଙ୍ଗ

ଦିନେ ଭାରତକୁ 'ସୁନାର ଚଢେଇ' ବୋଲି କୁହାଯାଉଥିଲା। ତେଣୁ ଏହାର ଗର୍ଭରେ ଅନେକ ଗୁପ୍ତଧନ ଲୁଚି ରହିଥିବା ବିଶ୍ୱାସ ରହିଛି। ସେଇଥିପାଇଁ ତ ତାକୁ ପାଇବା ଲାଗି କିଏ କେତେ ପ୍ରୟାସ କରିଛନ୍ତି। ହେଲେ ନା ତା'ର ରହସ୍ୟକୁ କେହି ଭେଦି ପାରିଛନ୍ତି ନା ତାକୁ କେହି ପାଇ ପାରିଛନ୍ତି। ସେ ରହିଯାଇଛି କେବଳ ରହସ୍ୟ ହୋଇ...



ସିନେମା
୫



## ବିବାହରେ ବିଳମ୍ବ ହେଉଥିଲେ...



**ବି**ବାହରେ ବିଳମ୍ବ ପାଇଁ ଅନେକେ ମଙ୍ଗଳ ଦୋଷକୁ ଦାୟୀ କରିଥାନ୍ତି। ଏହାକୁ ଦୂର କରିବା ପାଇଁ ଘରର କବାଟଗୁଡ଼ିକୁ ଲାଲ କିମ୍ବା ଗୋଲାପୀ ରଙ୍ଗର କରିଦିଅନ୍ତୁ। ବାସ୍ତୁଶାସ୍ତ୍ର ଅନୁସାରେ ଏଭଳି କଲେ କୁଣ୍ଡଳୀରେ ମଙ୍ଗଳ ଦଶା ମଜଭୂତ ହୋଇଥାଏ। ବାସ୍ତୁ ଅନୁଯାୟୀ ବିବାହ ଯୋଗ୍ୟ ଯୁବତୀଯୁବକ ନିଜ ରୁମ୍‌ରେ ଖାଲି ଟାଙ୍କି କିମ୍ବା ବଡ଼ ପାତ୍ରକୁ ବନ୍ଦ କରି ବା ଘୋଡେଇ ରଖିବା ଉଚିତ ନୁହେଁ। ଏମିତିକି କୌଣସି ଭାରି ଜିନିଷ ବି ରଖନ୍ତୁ ନାହିଁ। ଏମାନେ ନିଜ ଖଟ ତଳେ କୌଣସି ଲୁହା ଜିନିଷ ରଖିବା ଉଚିତ ନୁହେଁ। ଖଟ ତଳେ ଅଳିଆ ଜମା ରଖିବା ମନା। ତା'ଛଡ଼ା ଯୁବତୀ ଯୁବକ ହଳଦିଆ ରଙ୍ଗର ପୋଷାକ ଓ ଅନ୍ୟାନ୍ୟ ଜିନିଷ ବ୍ୟବହାର କରିବା ଉଚିତ। କାରଣ ହଳଦିଆ ରଙ୍ଗ ଗୃହସ୍ଥ ଜୀବନ ପାଇଁ ଶୁଭଙ୍କର ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୩-୧୯

**ମେଷ**: ମାନସିକ ପ୍ରଫୁଲ୍ଲତା, ଅର୍ଥନୈତିକ ଅଭିବୃଦ୍ଧି, ବନ୍ଧୁମିଳନରୁ ଆନନ୍ଦ, ନୂତନ ସମ୍ପର୍କ, ଆରୋଗ୍ୟ ଲାଭ, ପାରିବାରିକ ଅସହଯୋଗ, ବିବାଦୀୟ ପରିବେଶ। ସାଂସ୍କୃତିକ କାର୍ଯ୍ୟ, ବ୍ୟବସାୟିକ ଉନ୍ନତି ।

**ବୃଷ**: ଦୈହିକ ସୁସ୍ଥତା, ପଡୋଶୀଙ୍କ ସୁପରାମର୍ଶ, ପାରିବାରିକ ଶାନ୍ତି,ପରିବହନରେ ଝଗଡା, କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ, ପରୋକ୍ଷ ଶତ୍ରୁତା, ଯୋଗସାଧନାରେ ରୁଚି, ପ୍ରଶାସନିକ ସଫଳତା ॥

**ମିଥୁନ**: ନୂତନ ନିଯୁକ୍ତି, କର୍ମ ଜାଲ ବୃଦ୍ଧି, ସହକର୍ମୀଙ୍କ ସହଯୋଗ, ଧାତୁ ଅଳଙ୍କାର କ୍ରୟ, ପାରିବାରିକ ମତଭେଦ, ସାଙ୍ଗଠନିକ କାର୍ଯ୍ୟାରମ୍ଭ, ନୂତନ ସ୍ଥାନ ପରିଦର୍ଶନ, ଧର୍ମକାର୍ଯ୍ୟରେ ରୁଚି, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**କର୍କଟ**: କାର୍ଯ୍ୟସିଦ୍ଧି, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଶୁଭ ଖବରପ୍ରାପ୍ତି, ପାରିବାରିକ ସୌଖ୍ୟ, ଅଧସ୍ତନଙ୍କ ଆନୁଗତ୍ୟ, ଅର୍ଥନୈତିକ ବିବାଦ, ଆତ୍ମୀୟସ୍ୱଜନଙ୍କ ଈର୍ଷା, ସନ୍ତାନହେତୁକ ଗୌରବ, ଲେଖାପଢାରେ ଉନ୍ନତି ॥

**ସିଂହ**: ନୂତନ କର୍ମାରମ୍ଭ, ଉଚ୍ଚ ପଦବୀପ୍ରାପ୍ତି, ଆଲୋଚନାରେ ସଫଳତା, ଲୋକସମ୍ପର୍କ ବୃଦ୍ଧି, ମକଦ୍ଦମାରେ ବିଜୟ, ଋଣ ପରିଶୋଧ ଚିନ୍ତା, ସନ୍ତାନଙ୍କ ବୈବାହିକ ସମସ୍ୟା, ସହକର୍ମୀଙ୍କ ଦୌରାତ୍ମ୍ୟ ॥

**କନ୍ୟା**: ସ୍ଥଗିତ କାର୍ଯ୍ୟର ସମୀକ୍ଷା, ମିତ୍ରବନ୍ଧୁଙ୍କ ପରାମର୍ଶ, ସାହିତ୍ୟକୃତିରୁ ପ୍ରଶଂସା, ଅର୍ଥନୈତିକ ସଂସ୍କାର, ସାମାଜିକ ବିତର୍କ, ନୂତନ ବ୍ୟବସାୟାରମ୍ଭ, ବିଦେଶଯାତ୍ରାର ସୁଯୋଗ ॥

**ତୁଳା**: ଉଚ୍ଚଚିନ୍ତା, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପୂର୍ବ ସମସ୍ୟାର ସମାଧାନ, ଦୁର୍ବଳତା ଅନୁଭବ, ବିବାଦର ପରିସମାପ୍ତି, ରଚନାତ୍ମକ କାର୍ଯ୍ୟ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ଅର୍ଥ ସମ୍ପର୍କୀୟ ବିତର୍କ ॥

**ବିଛା**: ପରିସ୍ଥିତି ବଦଳିବ, ସାମାଜିକ ସମ୍ମାନ, ଆତ୍ମୀୟଙ୍କ ଆତ୍ମୀୟତା, ବୈପ୍ଳବିକ ଚିନ୍ତାଧାରା। ବନ୍ଧୁଙ୍କ ଅସହିଷ୍ଣୁତା, କ୍ରୀଡାରୁ ସମ୍ମାନ, ଗୃହସୀମାରେ ଦ୍ୱନ୍ଦ୍ୱ, ପ୍ରତିଯୋଗୀତାରେ ସଫଳତା, ସେବା ମନୋଭାବରୁ ପ୍ରଶଂସା ॥

**ଧନୁ**: ଶାରୀରିକ ଅସୁସ୍ଥତା, ସ୍ଥଗିତ କର୍ମାରମ୍ଭ, ବିରୋଧୀଙ୍କ ପ୍ରାବଲ୍ୟ, ମାନସିକ ଅସ୍ଥିରତା, ପାରିବେଶିକ ସମସ୍ୟା, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, କଚେରୀ ମାମଲାରେ ବାଇଦା, ଭ୍ରମଣ ସୁଯୋଗ ॥

**ମକର**: ବିବାଦୀୟ ଚିନ୍ତା, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ମିତ୍ରବନ୍ଧୁଙ୍କ ସହଯୋଗ, ଅର୍ଥର ପ୍ରାଚୁର୍ଯ୍ୟ, ଆନୁଷ୍ଠାନିକ ସମ୍ମାନ, ପ୍ରତିଯୋଗୀତାରେ ସଫଳତା, ନୂତନ ଯୋଜନାରମ୍ଭ, ସାମ୍ବାଦିକତାରୁ ଗୌରବ, କଳାରେ ଉତ୍କର୍ଷତା, ବ୍ୟୟବୃଦ୍ଧିରୁ ଦୁଃଶ୍ଚିନ୍ତା ।

**କୁମ୍ଭ**: କୃତିତ୍ୱରୁ ସମ୍ବର୍ଦ୍ଧନା, ବୁଦ୍ଧିଜିବୀଙ୍କ ପ୍ରଶଂସା, ଆର୍ଥିକ ଅବନତି, ନୂତନ ଗୃହାରମ୍ଭ, ସରକାରୀ ସହାୟତା, ପ୍ରକାଶନରେ ବିଳମ୍ବ, ପରିକଳ୍ପିତ କାର୍ଯ୍ୟାରମ୍ଭ, ପରୀକ୍ଷାରେ ସଫଳତା ॥

**ମୀନ**: ଯାତ୍ରାରେ ଲକ୍ଷ୍ୟ ପୂରଣ, ନୂତନ ପ୍ରକଳ୍ପାରମ୍ଭ, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ଋଣ ପରିଶୋଧ, ରୋଗପୀଡା ହ୍ରାସ, ସାମୟିକ ଆଶ୍ୱସ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସା, ସମ୍ମାନଜନକ ପଦବୀପ୍ରାପ୍ତି ।

# ୪ଟି ପତ୍ର ଥିବା ଗଛର ମୂଲ୍ୟ ୪ ଲକ୍ଷ ଟଙ୍କା



**ଆ**ଜିକାଲି ଇନଡୋର୍ ପ୍ଲାଣ୍ଟ ଘରେ ରଖିବା ଏକ ଫ୍ୟାଶନ ପାଲଟିଗଲାଣି। ଘରେ ଶୁଦ୍ଧ ଓ ତାଜା ବାୟୁ ପାଇବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲୋକେ ଯେତେ ମହଙ୍ଗା ହେଲେ ବି ନାନା ପ୍ରକାରର ଇନଡୋର୍ ପ୍ଲାଣ୍ଟ କିଣିବାକୁ ପଛାଉ ନାହାନ୍ତି। ଯେମିତିକି ନ୍ୟୁଜିଲାଣ୍ଡର ଜଣେ ବ୍ୟକ୍ତି ୪ଟି ପତ୍ର ଥିବା ଇନ୍‌ଡୋର୍ ପ୍ଲାଣ୍ଟ କିଣିବା ପାଇଁ ପ୍ରାୟ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଲେ। ଏକ ଗଣମାଧ୍ୟମର ଖବର ମୁତାବକ ଏହି ଛୋଟିଆ ଗଛଟିର ନାମ ହେଉଛି 'ଫିଲୋଡେଣ୍ଡ୍ରୋନ୍ ମିନିମା'। ନ୍ୟୁଜିଲାଣ୍ଡର ସବୁଠୁ ବଡ଼ ବିଜନେସ୍ ସାଇଟ୍ 'ଟ୍ରେଡ ମି'ରେ ଏହି ଗଛ ପାଇଁ ନିଲାମୀ ଡକାଯାଇଥିଲା। ଆଉ ତାହା ଶେଷରେ ୪ ଲକ୍ଷ ଟଙ୍କାରେ ନିଲାମ ହୋଇଥିଲା। ଉକ୍ତ ଗଛଟି ବହୁତ ଖାସ୍। ଏହାର ପତ୍ର ଅଧା ସବୁଜ ହୋଇଥିବାବେଳେ ଅଧା ହଳଦିଆ ରଙ୍ଗର। ଏହାର ସବୁଜ ରଙ୍ଗର ଅଂଶ ଦ୍ୱାରା ଆଲୋକ ସଂଶ୍ଲେଷଣ ହୁଏ ଏବଂ ହଳଦିଆ ଅଂଶ ଦ୍ୱାରା ଗଛର ବିକାଶ ହୁଏ। ଆମେରିକା, ଅଷ୍ଟ୍ରେଲିଆ, କାନାଡାରେ ଏହି ଗଛକୁ ବହୁତ ଶୁଭ ବୋଲି ଧରାଯାଏ। ତେଣୁ ନିଜ ପିଲାଭଳି ଯତ୍ନ ନେଇ ଏହାକୁ ଘରେ ରଖନ୍ତି। ଏହାକୁ ରଖିଲେ ଘରର ଆର୍ଥିକ ସ୍ଥିତି ଦୂର ହୁଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଅନ୍ ଲାଇନ୍ ସାଇଟ୍‌ରେ ଏହାର ବହୁତ ଚାହିଦା ରହିଛି।

## ପାଠକୀୟ

▶ଅଗଷ୍ଟ୩୦-ସେପ୍ଟେମ୍ବର୫ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଶିକ୍ଷା ପାଇଁ ତ୍ୟାଗ' ଖୁବ୍ ଉଚ୍ଚକୋଟିର ହୋଇଥିଲା। ଗୁରୁଜନମାନେ ସେମାନଙ୍କର ଆଚରଣ ଓ ବ୍ୟବହାରରେ ଯେଉଁ ଆଦର୍ଶ ଦେଖାଇଥାନ୍ତି ସେଥିରୁ ସମସ୍ତେ ଶିକ୍ଷା ଲାଭ କରିଥାନ୍ତି। ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢି ଖୁସି ହେଲି। କାର୍ଟୁନ କର୍ନର ମନଛୁଆଁ ହୋଇପାରୁଛି।

*-ନିରଞ୍ଜନ ସାହୁ, କେ-୭-୬୪୧, କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର*

▶ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ମନଛୁଆଁ ହୋଇଥିଲା। 'ମୁଠାରେ ରହିଯାଏ ଅଣ୍ଟା' ଓ 'ଶରୀର ବାହାରେ ପେଟ' ବିଷୟଗୁଡ଼ିକ ବେଶ୍ କୌତୁହଳମୟ ଥିଲା। ସୃଜନ ପୃଷ୍ଠାରେ ପକେଟ୍ କ୍ୟାଲେଣ୍ଡର ଗପଟି ବହୁତ ଭଲ ଲାଗିଲା। କବିତାଗୁଡ଼ିକ ବି ଭଲ ଲାଗିଲା।

*-ମନୋରମା ନାୟକ, ଚୌଦ୍ୱାର, କଟକ*

▶ସିନେମା ପୃଷ୍ଠାରେ 'ଆଇଟମ୍ ନମ୍ବର ପାଇଁ', 'ତାପସୀ ଯାହା ଚାହୁଁଥିଲେ' ଆଦି ବିଷୟ ଭଲ ଲାଗିଲା। ସିନେମାଜଗତର ଆଉ କିଛି ମଜାଦାର ଖବର ଦେଲେ ଭଲ ଲାଗିବ। ମଡେଲ ମିରର୍‌ରେ ଅର୍ଚ୍ଚିତାଙ୍କ ଫଟୋ ଭଲଲାଗିଲା। ହାଃ ହାଃ ମଜାଦାର ଥିଲା।

*-ଅମିତରାଜ ବାରିକ, ରେଢାଖୋଲ, ସମ୍ବଲପୁର*

▶ଚିନ୍ମୟ ଚିନ୍ତନରେ 'ଏ ନାବେ ଗୁରୁ କର୍ଣ୍ଣଧାର' ବିଷୟଟି ବେଶ୍ ଶିକ୍ଷଣୀୟ ଥିଲା। ମହଙ୍ଗା ପ୍ରପୋଜାଲ ସତରେ ଭାରି ମହଙ୍ଗା ଥିଲା। 'ଗଛରେ ମଞ୍ଚା କରି ଅନ୍‌ଲାଇନ୍ କ୍ଲାସ୍ କରୁଥିବା ଶିକ୍ଷକଙ୍କୁ ଶତ ଶତ ପ୍ରଣାମ।

*-ମିନତୀ ସ୍ୱାଇଁ, ରାୟପୁର*

▶ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ମନଛୁଆଁ ହୋଇଥିଲା। କାର୍ଟୁନ କର୍ନର ବି ମଜାଦାର ଥିଲା। ହାଃ ହାଃ ମୋର ବହୁତ ପ୍ରିୟ। ମଡେଲ ମିରର୍ ପୃଷ୍ଠା ବି ଭଲ ଲାଗେ। ସିନେମା ପୃଷ୍ଠାରୁ ସିନେ ଜଗତର ଅନେକ କିଛି ରୋଚକ କଥା ଜାଣି ହୁଏ।

*-ଚିରଞ୍ଜୀବି ପ୍ରଧାନ, ଚଣ୍ଡିଖୋଲ*

▶ସୃଜନ ପୃଷ୍ଠାର ଗପକବିତା ମୋର ବହୁତପ୍ରିୟ। ମୁଁ ବି ଲେଖା ପଠାଇବାକୁ ଚାହେଁ। ଦୟା କରି ସ୍ଥାନ ଦେବେ। ରାଶିଫଳର ମୁଁ ଜଣେ ନିୟମିତ ପାଠକ। ହାଃ ହାଃ ବେଶ୍ ମଜାଦାର ଲାଗେ। ପ୍ରଚ୍ଛଦ ପ୍ରସଙ୍ଗ ସବୁଥର ନିଆରା ହେଉଛି।

*-ମାୟାବତୀ ପାହାଡସିଂ, ହୁମ୍ମା, ଗଞ୍ଜାମ,*

▶ଏଥରର ପ୍ରଚ୍ଛଦ ପ୍ରସଙ୍ଗ ଭାରି ଶିକ୍ଷଣୀୟ ଥିଲା। ସିନେମା ପୃଷ୍ଠା ମୁଁ ଆଗ ପଢେ। ହାଃ ହାଃ ଓ କାର୍ଟୁନ କର୍ନର ବି ମୋର ଭାରି ପ୍ରିୟ। ସୃଜନର ଗପକବିତା ମନଛୁଆଁ ହୋଇପାରୁଛି। ଚିନ୍ମୟ ଚିନ୍ତନ ବି ଭଲ ଲାଗିଲା।

*-ସିମ୍ପଲ ସ୍ୱାଇଁ, ଚୌଦ୍ୱାର,କଟକ*

### ବିଶେଷ ଚିଠି



**ର**ବିବାର ସକାଳକୁ
ଚାହିଁ ରହନ୍ତି ସାରା ଓଡିଶାବାସୀ
କେବେ ଆସିବ ସେ ପେପର୍ ବାଲା
ଆଉ ଦେଇଯିବ ହାତେ ଛୁଟିଦିନକୁ।
ପୃଷ୍ଠା ପରେ ପୃଷ୍ଠା
ଓଲଟାଇ ପଢି ନିଅନ୍ତି ସଭିଏଁ
କି ବୁଢା କି ପିଲା ସମସ୍ତଙ୍କର ପରା ଇଏ ପ୍ରିୟ
ସେଇଥିପାଇଁ ତ ଚାତକ ପରି
ଚାହିଁ ରହନ୍ତି ସମସ୍ତେ।

*-ସବିତା ମହାରଣା, ବାରଙ୍ଗ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଗୁପ୍ତଧନ

ଗୁପ୍ତଧନ ! ଯାହାକୁ ପାଇବାର ଲାଳସା କାହିଁ କେଉଁ କାଳରୁ ମଣିଷର ରହିଆସିଛି। ଆଉ ରାତାରାତି ଅପାର ଧନସମ୍ପତ୍ତିର ପାହାଡ ଉପରେ ବସିବାର ମୋହରେ ସେ ତାକୁ ଖୋଜି ଚାଲିଛି। ହେଲେ ଗୁପ୍ତଧନ ହେଉଛି ରହସ୍ୟର ଆଉ ଏକ ନାଁ। ଯାହାକୁ ଭେଦି ତା' ପାଖରେ ପହଞ୍ଚିବା ଆଦୌ ସହଜ ନୁହେଁ। ତଥାପି ପୃଥିବୀରେ ଯେଉଁଠି ଯେଉଁଠି ଗୁପ୍ତଧନର କଥା ଉଠିଛି ମଣିଷ ତାକୁ ଖୋଜିଛି। ଦିନେ ଭାରତକୁ 'ସୁନାର ଚଢେଇ' ବୋଲି କୁହାଯାଉଥିଲା। ତେଣୁ ଏହାର ଗର୍ଭରେ ବି ଗୁପ୍ତଧନ ଲୁଚି ରହିଥିବା ବିଭିନ୍ନ ତଥ୍ୟରୁ ଜଣାପଡେ। ଆଉ ତାକୁ ପାଇବାର ଲାଳସାରେ କରିଛନ୍ତି କିଏ କେତେ ପ୍ରୟାସ। ହେଲେ ନା ତା'ର ରହସ୍ୟକୁ କେହି ଭେଦି ପାରିଛନ୍ତି ନା ତାକୁ କେହି ପାଇ ପାରିଛନ୍ତି। ତାହା ରହିଯାଇଛି କେବଳ ରହସ୍ୟ ହୋଇ...

**ପଦ୍ମନାଭସ୍ୱାମୀ ମନ୍ଦିରର ଗୁପ୍ତଧନ–** କେରଳର ଥିରୁଭାନନ୍ତପୁରମ୍‌ରେ ଅଛି ବହୁପୁରାତନ ପଦ୍ମନାଭସ୍ୱାମୀ ମନ୍ଦିର। ବିଶ୍ୱାସ କରାଯାଏ ମନ୍ଦିରଟିକୁ ୫୦୦୦ ବର୍ଷ ପୂର୍ବେ ସ୍ଥାପନ କରାଯାଇଥିଲା। ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ମନ୍ଦିରର ପୁନଃ ନିର୍ମାଣ ଷଷ୍ଠ ଶତାବ୍ଦୀରେ ତ୍ରାବନକୋରର ମହାରାଜ କରିଥିଲେ। ବିଶ୍ୱାସ କରାଯାଏ ସେ ବିଭିନ୍ନ ରାଜ୍ୟ ଜୟ କରି ପାଇଥିବା ଧନସମ୍ପତ୍ତି ଭଗବାନ ବିଷ୍ଣୁଙ୍କୁ ସମର୍ପଣ କରିଦେଇ ଏହି ମନ୍ଦିରରେ ରଖିଥିଲେ। ମନ୍ଦିରରେ ଏସବୁକୁ ୭ଟି କୋଠରିରେ ରଖାଯାଇଥିଲା। ତନ୍ମଧ୍ୟରୁ ୬ଟିକୁ ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ଖୋଲା ସରିଲାଣି ଓ ବହୁ ଧନରତ୍ନ ବାହାର କରାଯାଇଛି। ତହିଁରେ ରହିଛି ଭଗବାନ ବିଷ୍ଣୁଙ୍କର ୪ଫୁଟ ଉଚ୍ଚତାର ହୀରା ଖଚିତ ସୁନାର ମୂର୍ତ୍ତି, ହୀରା ଏବଂ ବିଭିନ୍ନ ରତ୍ନ ଖଚିତ ସୁନାର ମକୁଟ, ୧୮ ଫୁଟ୍ ଲମ୍ବର ସୁନା ଚେନ୍, ବସ୍ତା ବସ୍ତା ହୀରା, ରୁବି, ସାଫାୟର, ରତ୍ନପଥର ଖଚିତ ହାର, ମାଳ ଭଳି ଅନେକ କିଛି। ତେବେ ଆଜି ପର୍ଯ୍ୟନ୍ତ ସପ୍ତମ କୋଠରି ଖୋଲା ଯାଇପାରି ନାହିଁ। ବିଶ୍ୱାସ କରାଯାଏ ୬ଟି କୋଠରିରୁ ମିଳିଥିବା ଧନସମ୍ପତ୍ତିଠାରୁ ବହୁଗୁଣରେ ଅଧିକ ଧନ ସପ୍ତମ କୋଠରିରେ ଅଛି। ୨ ଲକ୍ଷ କୋଟିରୁ ଅଧିକ ଧନ ତନ୍ମମଧ୍ୟରେ ରହିଛି। କିନ୍ତୁ ସେହି କୋଠରିକୁ ଖୋଲିବାର ସାହସ ଏ ପର୍ଯ୍ୟନ୍ତ କେହି କରିପାରି ନାହାନ୍ତି। ଏହାମଧ୍ୟରେ ଅନେକ ରହସ୍ୟ ଲୁଚି ରହିଥିବା ବିଶ୍ୱାସ କରାଯାଏ। ଥରେ ଏହାକୁ ଖୋଲିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ କିଛି ବିଷଧର ସାପ ବାହାରି ସେହି ଲୋକଙ୍କୁ ଦଂଶି ମାରିଦେଇଥିଲା। କୋଠରି ମଧ୍ୟରୁ ପାଣି ଓ ସାପର ସଁ ସଁ ଶବ୍ଦ ଶୁଭେ। ବିଶ୍ୱାସ କରାଯାଏ ଏହାକୁ କେବଳ ଜଣେ ସିଦ୍ଧ ପୁରୁଷ ହିଁ ଖୋଲିପାରିବେ। ଏହି କୋଠରିର ଦ୍ୱାରରେ ନାଗସାପର ଆକୃତି ରହିଛି। ତେଣୁ କୁହାଯାଏ ଏହାକୁ 'ନାଗ ବନ୍ଧମ' ବା 'ନାଗ ପାଶମ୍' ମନ୍ତ୍ରରେ ଅଭିମନ୍ତ୍ରିତ କରି ବନ୍ଦ କରି ଦିଆଯାଇଛି। ଏହାକୁ ଗରୁଡ ମନ୍ତ୍ର ଦ୍ୱାରା ଖୋଲିହେବ। ଆଧୁନିକ ପ୍ରଣାଳୀରେ ଖୋଲିଲେ ମନ୍ଦିର ନଷ୍ଟ ଅବା ଅନ୍ୟ କୌଣସି ଅନିଷ୍ଟ ହେବାର ଆଶଙ୍କା ରହିଛି ବୋଲି ଲୋକ ବିଶ୍ୱାସ ରହିଛି।

**ଜୟଗଡ ଦୁର୍ଗ :** ରାଜସ୍ଥାନରେ କିଛି ଗୁପ୍ତଧନ ଥିବା କଥା ଅନେକ ସମୟରେ ଶୁଣିବାକୁ ମିଳେ। ତେବେ ତନ୍ମଧ୍ୟରୁ ରାଜା ମାନ ସିଂ ୧ମଙ୍କ ଗୁପ୍ତଧନ ଅନ୍ୟତମ। ସେ ଆକବରଙ୍କ ସେନାପତି ଥିଲେ। ନିଜର ବୁଦ୍ଧିମତ୍ତା ଓ ସୈନ୍ୟକୁଶଳତା ପାଇଁ ସେ ଆକବରଙ୍କର ପ୍ରିୟ ଥିଲେ। ତାଙ୍କୁ 'ରାଜା ମିର୍ଜା' ବି କୁହାଯାଉଥିଲା। କୁହାଯାଏ ସେ ଯେବେ ଆଫଗାନିସ୍ତାନ ଉପରେ ବିଜୟଲାଭ କରିଥିଲେ। ସେଠାରୁ ମହମ୍ମଦ ଘଜନୀଙ୍କ ଅପାର ଧନସମ୍ପତ୍ତି ନେଇ ଭାରତ ଚାଲି ଆସିଥିଲେ। କିନ୍ତୁ ଏ ସମ୍ପର୍କରେ ଆକବରଙ୍କୁ ଜଣାଇ ନ ଥିଲେ। ଆଉ ସମସ୍ତ ଧନକୁ ଜୟପୁରର ମହାରାଜା ସୱାଇ ଜୟସିଂ ୨ୟ ନିର୍ମାଣ କରିଥିବା ବିକାନେରସ୍ଥ ଜୟଗଡ ଦୁର୍ଗ ମଧ୍ୟରେ ପୋତି ଦେଇଥିଲେ। ଅନ୍ୟ କିଛି ତଥ୍ୟ କହେ ଯେହେତୁ ତାଙ୍କ ଯୁଦ୍ଧକୌଶଳ ପାଇଁ ଆକବର ଅନେକ ଐତିହାସିକ ଯୁଦ୍ଧରେ ଜୟ ଲାଭ କରୁଥିଲେ, ତେଣୁ ତାଙ୍କର ସମାନ ଅଧିକାର ଜୟ କରି ଆଣିଥିବା ଧନ ଉପରେ ଥିଲା। ଏମିତିରେ ତାଙ୍କ ପାଖରେ ଅମାପ ଧନଦୌଲତ ହୋଇଯାଇଥିଲା। ବିଶ୍ୱାସ କରାଯାଏ ଦୁର୍ଗରେ ଥିବା ମହଲ ତଳେ ସେ ଗୁପ୍ତ କୋଠରି କରି ନିଜର ଧନସମ୍ପତ୍ତି ରଖିଥିଲେ। ତେବେ ୧୯୭୬ ମସିହାର ଏମରଜେନ୍ସି ସମୟରେ ଇନ୍ଦିରା ଗାନ୍ଧୀ ଏହି ଗୁପ୍ତଧନ ପାଇବା ପାଇଁ ଅନେକ ପ୍ରୟାସ କରିଥିଲେ। ଜୟପୁର ରାଜପରିବାରର ପ୍ରତିନିଧି ମହାରାଣୀ ଗାୟତ୍ରୀ ଦେବୀଙ୍କୁ ଜେଲ ପଠାଇ ମାସ ମାସ ଧରି ଦୁର୍ଗ ଭିତର ଖୋଦେଇ କରିଥିଲେ। ଅନେକେ କହନ୍ତି ଏହି ପ୍ରୟାସ ବିଫଳ ହୋଇଥିଲା ତ ଆଉ କେହି କହନ୍ତି ୬ ମାସ ଖୋଦେଇ ପରେ ଟ୍ରକ୍‌ର ରୋଶଣି ତା'ମଧ୍ୟରୁ ବାହାରିଥିଲା। ଦିଲ୍ଲୀ–ଜୟପୁର ରୋଡକୁ ସାଧାରଣ ଲୋକଙ୍କ ପାଇଁ ବନ୍ଦ କରାଯାଇ ଟ୍ରକରେ ଗୁପ୍ତଧନ ପ୍ରଧାନମନ୍ତ୍ରୀ ଆବାସ ପର୍ଯ୍ୟନ୍ତ ପହଞ୍ଚାଯାଇଥିଲା। ସ୍ଥାନୀୟ ଜଣେ ପତ୍ରକାର ଆର୍‌ଟିଆଇ ମାଧ୍ୟମରେ ସତ୍ୟତା ଜାଣିବାକୁ ଚାହିଁଥିଲେ । ହେଲେ ସରକାର ଆରଟିଆଇର କୌଣସି ସଠିକ୍ ଓ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ତେବେ ସତ କେଉଁଟି ଆଜିଯାଏଁ ଜଣାପଡିନି। ଏହି ଗୁପ୍ତଧନ ସମ୍ପର୍କରେ ଆଉ ଏକ କାହାଣୀ ରାଜସ୍ଥାନରେ ପ୍ରଚଳିତ ରହିଛି। ବିଶ୍ୱାସ କରାଯାଏ ମାନସିଂ ଗୁପ୍ତଧନ ସମ୍ପର୍କରେ ଯୋଦ୍ଧାବାଈଙ୍କୁ ଜଣେଇ ଦେଇଥିଲେ। ଆଉ ଯୋଦ୍ଧା ବାଈ ଏହି ଗୁପ୍ତଧନକୁ ଫତେପୁର ସିକ୍ରିସ୍ଥ ଏକ ମନ୍ଦିରରେ ରଖିଦେଇଥିଲେ। ସମୟ କ୍ରମେ ମନ୍ଦିରଟି ପୋତି ହୋଇଗଲା ଆଉ ତା'ସହ ଗୁପ୍ତଧନର ରହସ୍ୟ ବି। ସ୍ଥାନୀୟ ଲୋକେ ଏବେବି ବିଶ୍ୱାସ କରନ୍ତି ଯେ, ଗୁପ୍ତଧନ ସେହି ମନ୍ଦିରରେ ଅଛି।

**ସୋନଗୁମ୍ଫାର ଗୁପ୍ତଧନ–** ବିହାର, ରାଜଗିରିରେ ବି ସେହିଭଳି ଗୁପ୍ତଧନ ଥିବା କୁହାଯାଏ। ଏଠାକାର ପାହାଡ ମଧ୍ୟରେ ସୋନଗୁମ୍ଫାର ମହତ୍ତ୍ୱ ବେଶି। ବିଶ୍ୱାସ କରାଯାଏ ଏହି ପାହାଡରେ ଲୁଚି ରହିଛି ଅନେକ ସୁନା। ଏହି ସ୍ଥାନଟି ମହାଭାରତ ସମୟର ବୋଲି କୁହାଯାଏ। କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନରେ ଭୀମ ଜରାସନ୍ଧର ବଧ କରିଥିଲେ। ପ୍ରଥମେ ଏହି ସ୍ଥାନକୁ ରାଜଗୃହ କୁହାଯାଉଥିଲା। କାଳକ୍ରମେ ଏହା ମଗଧ ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ବୌଦ୍ଧ ଓ ଜୈନ ଧର୍ମକୁ ମାନୁଥିବା ଲୋକେ ବି ଏହି ଗୁମ୍ଫାକୁ ପବିତ୍ର ମାନନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ କହେ ଏହି ଗୁମ୍ଫା ୩ୟ–୪ର୍ଥ ଶତାବ୍ଦୀର ଅଟେ। ସେଠାରେ ଥିବା ସରକାରୀ ଶିଳାଲେଖ ଅନୁସାରେ ଏଠାରେ ରଥର ଚକ ଚିହ୍ନ ମିଳିଥିଲା ଓ ଶଙ୍ଖ ଭାଷାରେ ଲିଖିତ କିଛି ଅଂଶ ବି ମିଳିଛି। ବିମ୍ବିସାର ଅଜାତ ଶତ୍ରୁଙ୍କୁ ଏହିଠାରେ ବନ୍ଦୀ କରି ରଖିଥିଲେ ବୋଲି ବିଶ୍ୱାସ କରାଯାଏ। ଏଠାରୁ ଲୁହାର ହାତକଡି ବି ଉଦ୍ଧାର ହୋଇଥିଲା। ତେବେ ସବୁଠୁ ବଡ଼ କଥା ହେଉଛି ଏଠାରେ ଗୁପ୍ତଧନ ଥିବା କଥା ବି ବିଶ୍ୱାସ କରାଯାଏ। ହେଲେ ଏହାକୁ କିଏ ଓ କେବେଠାରୁ ରଖିଛନ୍ତି କେହି ଜାଣି ନାହାନ୍ତି। କେହି କେହି ଗୁପ୍ତଧନକୁ ମହାଭାରତ ସମୟର କହୁଥିବାବେଳେ ଆଉ କେହି ବିଶ୍ୱାସ କରନ୍ତି ଏହା ବିମ୍ବିସାର ଓ ଅଜାତ ଶତ୍ରୁଙ୍କର ବୋଲି। ଏମିତି ବି କୁହାଯାଏ ଯେ, ଯେମିତି ଗୁପ୍ତଧନ ଅଜାତ ଶତ୍ରୁଙ୍କୁ ନ ମିଳୁ ସେଥିପାଇଁ ତାଙ୍କ ପିତା ବିମ୍ବିସାର ଏହାକୁ ଗୁମ୍ଫାର ଭୁଲଭୁଲେୟାରେ ପୋତିଦେଇଥିଲେ। ଇଂରେଜମାନେ ବି ଗୁପ୍ତଧନ ପାଇଁ ଗୁମ୍ଫାକୁ ତୋପରେ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ହେଲେ ପାରି ନ ଥିଲେ। ତୋପ ଗୋଳାର ଚିହ୍ନ ଏବେବି ଏଠାରେ ଦେଖିବାକୁ ମିଳେ। ବିଶ୍ୱାସ କରାଯାଏ ଶଙ୍ଖ ଭାଷାରେ ଲେଖାଯାଇଥିବା କଥାରେ ହିଁ ଗୁପ୍ତଧନର ରହସ୍ୟ ଲୁଚି ରହିଛି। ହେଲେ ଏହି ଭାଷା ପଢିବା ପାଇଁ କେହି ସକ୍ଷମ ନୁହନ୍ତି। ଗୁମ୍ଫାଗୁଡିକ ପଲିଶ୍ ହୋଇଛି ଏବଂ ଏଠାରେ ମଧ୍ୟ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ମିଳିଥିଲା। ଯାହାକୁ ପରେ ନାଳନ୍ଦା ସଂଗ୍ରହାଳୟରେ ରଖାଯାଇଛି।

**ଚାର୍‌ମିନାର ସୁଡଙ୍ଗରେ ଗୁପ୍ତଧନ–** ବିଶ୍ୱାସ କରାଯାଏ ଯେ, ଏକଦା ଐତିହାସିକ ଗୋଲକୁଣ୍ଡା ଦୁର୍ଗ ଓ ଚାରମିନାର ମଝିରେ ୧୫ ଫୁଟ୍ ଚଉଡା ଓ ୩୦ ଫୁଟ୍ ଉଚ୍ଚତାର ଏକ ସୁଡଙ୍ଗ ଭୂମି ତଳେ ଥିଲା। ଯାହାକୁ ସୁଲତାନ ମହମ୍ମଦ କୁଲି କୁତବ ଶାହ ତିଆରି କରାଇଥିଲେ। ସୁଲତାନ ସୁଡଙ୍ଗଟି ବିପଦ ସମୟରେ ସୁରକ୍ଷା ପାଇଁ ତିଆରି କରିଥିଲେ। ହେଲେ ପରେ ଏଥିରେ ଗୁପ୍ତ କୋଠରି କରି ଧନସମ୍ପତ୍ତି ଲୁଚାଇ ରଖିଥିଲେ। ଅନେକ ବର୍ଷ ପର୍ଯ୍ୟନ୍ତ ଟଙ୍କା, ସୁନା, ରୁପା, ବହୁମୂଲ୍ୟ ରତ୍ନ ଆଦି ଏଠାରେ ଜମା କରାଯାଇଥିଲା। ପରେ ସେସବୁକୁ ଏଠାରେ ପୋତି ଦିଆଯାଇଥିବା କୁହାଯାଏ। ୧୯୩୬ରେ ନିଜାମ ମୀର ଓସ୍ମାନ ଅଲ୍ଲୀ ଏକ ସର୍ଭେ କରାଇବା ସହ ନକ୍ସା ବି ତିଆରି କରିଥିଲେ। ଯଦିଓ ସେତେବେଳେ ଖୋଦେଇ ହୋଇପାରି ନ ଥିଲା। ତେଣୁ ଏହି ଗୁପ୍ତଧନର ରହସ୍ୟ ଏବେବି ରହସ୍ୟରେ ଅଛି।

–ଶିବାନୀ ମହାନ୍ତି





# ଆବେଗର ଘର

**-ନିବେଦିତା ନନ୍ଦ**

ବଡି ଭୋରର ମୁହଁ ଅନ୍ଧାର
ନିଘଞ୍ଚ କୁହୁଡ଼ିର ପର୍ଦ୍ଦା
ବୁନ୍ଦା ବୁନ୍ଦା କାକରଟୋପାରେ
ନିଗିଡି ପଡୁଥିବା ସ୍ୱପ୍ନ ।

କେହି ଜଣେ ଖୁବ ଚିହ୍ନା
ମୋତେ ପଛକରି ଚାଲୁଥାଏ
ଅଭିମାନରେ,
ଦାନରେ ନେଇଯାନ୍ତା କାଳେ
ଶୂନ୍ୟ ଆଞ୍ଜୁଳା ଭରି
ଏ ଜନ୍ମର ବାକି ଆୟୁଷ ।
ଆନମନା କରେ ତା ଦମ୍ଭ
ମାଗିଲା ଲୋକର ପୁଣି
ଏତେ ଟାଣପଣ !!

କୋହରେ  ତରଳେ କୁହୁଡି
ଲୁହ ହୋଇ ଝରେ ପତ୍ର ଦେହରୁ
ଓଦା ହେଉଥାଏ ମୋ ଆଖି
ତା' ଅଭିମାନ ଜଳିବାକୁ ବାଧକରେ ମୋତେ,
ଶିଖୁଥାଏ ଆକାଶର ଦେହ
କ୍ରମଶଃ ଅପସରୁଥାଏ
ଅବୁଝା ଅନ୍ଧାର... ।

ସେ ଚାହେଁନା ପଛକୁ
ଆଣ୍ଠୁମାଡ଼ି ଆଂକୁଥାଏ
ଲିଭୁଥିବା ସ୍ୱପ୍ନ,  ଫିଟିଥିବା ଶବ୍ଦ ଆଉ
ଦିଗନ୍ତରେ ରୂପ ନେଉଥିବା
ତ୍ରସ୍ତ ପୃଥିବୀର ମାନଚିତ୍ର ।

ସବୁ ବରଫ ତରଳିଯିବା ଆଗରୁ
ଜହ୍ନ ଦେହେ ଗଢ଼ି ସାରିଥିବ
ଆବେଗର ଘର ।

*-ବି.ଏମ୍ ୪୦, ବାସନ୍ତୀ କଲୋନୀ*
*ରାଉରକେଲା - ୧୨*
*ମୋ-୮୨୪୯୪୪୨୫୭୩*

# ତୁମେ ଓ ମୁଁ

**-ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ**

ତୁମେ ସ୍ୱପ୍ନ ସାଗରର ଅପର ପାର୍ଶ୍ୱର
ଲଳନା ଲାବଣ୍ୟବତୀ
ମୁଁ  ଚିତ୍ରକରଟିଏ ସାଗର ବେଳାରେ
ଆଙ୍କୁଥାଏ କଳାକୃତି ।।
ତୁମେ ହିମ ଆଚ୍ଛାଦିତ ପାହାଡ଼ ଶୀର୍ଷର
ରୂପ ରାଇଜର ପରୀ
ମୁଁ କଣ୍ଟାଯୁକ୍ତ ଗୁଳ୍ମ ମରୁ ମୃତ୍ତିକାର
ନୀରବ ଦେଖେଣାହାରି ।।
ତୁମେ କବି ଲେଖନୀର ସାଧା କାଗଜରେ
ଅଙ୍କିତ ନାୟିକାଟିଏ
ମୁଁ ଅବୁଝା ଶବ୍ଦର ସମାହାର ଯାହା
ବାରମ୍ବାର କଟାଯାଏ ।।
ତୁମେ ଦିବସ ଆରମ୍ଭ ସୁନେଲି କୀରଣ
ପ୍ରିୟ ଅଟ ସଭିଙ୍କର
ମୁଁ ଅଭିଶପ୍ତ ରାତି ମେଘୁଆ ଆକାଶୁ
ଖୋଜୁଥାଏ ଆପଣାର ।।
ତୁମେ ଗବାକ୍ଷ କଡ଼ର ହେନା ଗଛ ବାସ୍ନା
ବିମୋହିତ କର ମନ
ମୁଁ ବାସହୀନ ଏକ ପଳାଶ ଫୁଲଟେ
ଠିକଣା ମୋ ତାଳ ବଣ ।।

-ଚକାପଦା, ମୋ- ୯୧୭୮୪୭୫୪୩୭

# ଗ୍ରହଣ

**ମୂଳ ହିନ୍ଦୀ-ସନ୍ତୋଷ   ଶ୍ରୀବାସ୍ତବ**
**ଅନୁସୃଜନ-ମୈତ୍ରେୟୀ  କମିଳା**

ହରିପ୍ରସାଦ ମାଷ୍ଟର ସପ୍ତମ ଶ୍ରେଣୀ ପିଲାଙ୍କୁ ପଚାରୁ ଥିଲେ ।"କାଲି ସୂର୍ଯ୍ୟ ଗ୍ରହଣ ଥିଲା । ଯେତେବେଳେ ଚନ୍ଦ୍ରମା ପୃଥିବୀ ଆଉ  ସୂର୍ଯ୍ୟ ମଝିରେ ଅବସ୍ଥାନ କରେ ସେତେବେଳେ ସୂର୍ଯ୍ୟକୁ ପୂର୍ଣ୍ଣ ମାତ୍ରାରେ ଆଚ୍ଛାଦିତ କରିଦିଏ । ସୂର୍ଯ୍ୟ ପୂରାପୁରି ଢାଙ୍କି ଯାଆନ୍ତି ଆଉ ପୃଥିବୀ ଉପରେ ତା' ଛାୟାରେ ଅନ୍ଧାର ହୋଇଯାଏ । ତା'ର ଆଧ୍ୟାତ୍ମିକ ସ୍ୱରୂପ ଆମ ପୁରାଣରେ ଦେଖିବାକୁ ମିଳେ । ରୋହିତ ତୁମେ କୁହ  କାଲି ତୁମେ କ'ଣ କରୁଥିଲ ?"

ରୋହିତ ଛିଡ଼ାହୋଇ କହିଲା "କାଲି ସୂତକ୍ ଲାଗିବା ପୂର୍ବରୁ ଆମେ ଜଳଖିଆ ଖାଇଥିଲୁ । ସୂତକ ସରିବା ପରେ ଖାଦ୍ୟ ଖାଇଲୁ ।"

ତା'ର ମୋଟା ସ୍ୱାସ୍ଥ୍ୟକୁ ଦେଖି ସବୁ ହସିଲେ ।

ତୁମେ କୁହ ମୀରା ଖାଇବାକୁ ଛାଡ଼ି ତୁମେ କଣ କଲ ?

ଯେତେବେଳ ଯାଏ ଗ୍ରହଣ ଥିଲା ଆମେ କିଛି ଖାଇ ନ ଥିଲୁ । ମାଆ ଯାହା କିଛି ଖାଇବା ଜିନିଷ ଘରେ ଥିଲା ତା ଉପରେ ତୁଳସୀ ପତ୍ର ପକେଇ ଦେଇଥିଲେ । ଗ୍ରହଣ ସରିବା ପରେ ମାଆ ଘରେ ଗଙ୍ଗାଜଳ ଛିଞ୍ଚି ଦେଲେ । ତାପରେ ଆମେ ସ୍ନାନ କରି ଭୋଜନ କଲୁ ।

ଗ୍ରହଣ ପରେ ସ୍ନାନ କାହିଁକି କରନ୍ତି ମାଷ୍ଟର ଜୀ, ରୋହିତ ପଚାରିଲା ?

ପୃଥିବୀ ଉପରେ ଛାୟା ପଡେ ନା ଚନ୍ଦ୍ରମାର ।

ତା'ହେଲେ କଣ ଛାୟା ଅପବିତ୍ର ଅଟେ ? ମୀରା ପଚାରିଲା ।।

ମୀରାର ପ୍ରଶ୍ନ ହରିପ୍ରସାଦଙ୍କୁ କାହିଁ କେତେ ବର୍ଷ ପୂର୍ବରେ ପହଞ୍ଚେଇଥିଲା । ଆଜି ସେ ପାଠ ପଢି ମାଷ୍ଟର । କିନ୍ତୁ ଅଟନ୍ତି ଦଳିତ । ଅଛୁଆଁ ହୋଇଥିବାରୁ ତାଙ୍କ ମାଆ ବାପା ସବର୍ଣ୍ଣଙ୍କର ବହୁ ଅତ୍ୟାଚାର ସହିଛନ୍ତି । ସଡ଼କରେ ଚାଲିବାବେଳେ ତାଙ୍କ ଛାୟା ପଡିଗଲେ ସେମାନେ ସ୍ନାନ କରନ୍ତି । ମୁହଁରେ ତୁଳସୀ ରଖି ସୂର୍ଯ୍ୟ ପୂଜା କରନ୍ତି । ଥରେ ରାସ୍ତାରେ ଆଗେ ଆଗେ ଜଣେ ପଣ୍ଡିତଙ୍କ ସାମ୍ନାରେ ଚାଲୁଥିବାରୁ ପଣ୍ଡିତ ମଇଳା ଫିଙ୍ଗି ଥିଲେ ।

କୁହନ୍ତୁ ମାଷ୍ଟର ଜି, ଛାୟା ଅପବିତ୍ର କେମିତି ହୁଏ ?

ଛାୟା ଅପବିତ୍ର ହୋଇ ନ ଥାଏ । ଯିଏ ଛାୟାକୁ ଅପବିତ୍ର ମାନନ୍ତି, ତାଙ୍କର ମନ ଅପବିତ୍ର ଥାଏ, ଚିନ୍ତା ଅପବିତ୍ର ଥାଏ । ଏତିକି କହି ସାରିବା ପରେ ହରିପ୍ରସାଦଙ୍କ ଆଖି ଭରି ଯାଇଥିବାରୁ ଦୁଇଥର ଚଷମା କାଢ଼ିବାକୁ ପଡ଼ିଲା ।





# ଆଶାରେ ଆଲେକ୍‌ଜାଣ୍ଡ୍ରା

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'ରେ ଆଉ ଜଣେ ବିଦେଶିନୀ ନାୟିକା ଓଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର। ଶୁଟିଂ ଶେଷ ହୋଇଥିବା ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଶୁଟିଂ ସମୟରେ ସାସା ଓଡ଼ିଆ ଭାଷା କେତେକାଂଶରେ ଶିଖିଯାଇଛନ୍ତି। ବିଦେଶୀ ଲଳନା ଓଡ଼ିଆ ସିନେମାରେ ଅଭିନୟ କରିବା ନୂଆ କଥା ନୁହେଁ। ଏହାପୂର୍ବରୁ ପରଦେଶୀ ଚଢ଼େଇରେ ଉତ୍ତମ ମହାନ୍ତିଙ୍କ ସହ ଅରମିଣ୍ଟାଙ୍କୁ ନାୟିକା ଭାବେ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ମୁଖ୍ୟମନ୍ତ୍ରୀ'ରେ ବିଦେଶୀ ନାୟିକା ସବ୍ରିନା ଜେନିଫର ଅଭିନୟ କରିଥିଲେ। ତେବେ 'ବାୟ ବାୟ ଦିଲ୍'ରେ ସାସା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।





ରଣବୀର

# ଅପେକ୍ଷାର ଫଳ ମିଠା

ରଣବୀର ସିଂଙ୍କ ଖୁସି ଏବେ ବନ୍ଧ ବାଡ଼ ମାନୁନି। କାରଣ କ'ଣ ଜାଣନ୍ତି ? ସେ ଅଭିନୟ କରିଥିବା ବାୟୋପିକ୍ ଫିଲ୍ମ '୮୩' ଖୁବଶୀଘ୍ର ଓଟିଟି ଫର୍ମାଟ୍‌ରେ ମୁକ୍ତି ଲାଭ କରିବ। ଆମ ଦେଶକୁ ପ୍ରଥମ କ୍ରିକେଟ ବିଶ୍ୱକପ୍ ସ୍ୱାଦ ଚଖାଇଥିଲେ କପିଳ ଦେବ। ୧୯୮୩ରେ ଘଟିଥିବା ଏହି ସ୍ମରଣୀୟ ଘଟଣା ଏବେ ବି କ୍ରିକେଟ ପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ଏହି ଫିଲ୍ମରେ ରଣବୀର କପିଳ ଦେବଙ୍କ ଭୂମିକାରେ ଅଭିନୟ କରୁଛନ୍ତି। 'ଏହି ସିନେମାରେ ଅଭିନୟ କରିବାକୁ ମୋତେ ଯେତେବେଳେ ଅଫର ମିଳିଲା ମୁଁ ଖୁସିରେ ପାଗଳ ହୋଇଯାଇଥିଲି। କାରଣ କ୍ରିକେଟ ହେଉଛି ମୋର ସବୁଠାରୁ ପ୍ରିୟ ଖେଳ। ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚିତ ପ୍ରଭାବିତ କରିବ ବୋଲି ଆଶା ରହିଛି,' କହନ୍ତି ରଣବୀର।' ଏଥିରେ ତାଙ୍କ ଅପୋଜିଟରେ ଅଛନ୍ତି ତାଙ୍କ ଧର୍ମପତ୍ନୀ ଦୀପିକା ପାଦୁକୋନ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କବୀର ଖାଁ।

# ସଜବାଜ ହେଉଛନ୍ତି ଦୀପିକା

ଗତ କିଛି ମାସ ଧରି କରୋନା ପାଇଁ ଫିଲ୍ମ ଶୁଟିଂ ବନ୍ଦ ଥିଲା। ଏବେ ପର୍‌ମିଶନ୍ ମିଳିବା ପରେ ଶୁଟିଂ ପୁଣି ଥରେ ଆରମ୍ଭ ହୋଇଗଲାଣି। ଆଉ ଏ ନେଇ ଦୀପିକା ପାଦୁକୋନ୍‌ଙ୍କ ଖୁସି କହିଲେ ନ ସରେ। କାରଣ ଖୁବ ଶୀଘ୍ର ସେ ଏକ ସିନେମାର ଶୁଟିଂରେ ଯୋଗ ଦେବାକୁ ପ୍ରସ୍ତୁତ ହୋଇସାରିଲେଣି। ଏହାର ଶୁଟିଂ ଗୋଆରେ ଆରମ୍ଭ ହେବ। ଏହି ଫିଲ୍ମର ଟାଇଟଲ୍ ଫାଇନାଲ ହୋଇନାହିଁ। ଏ ନେଇ ଦୀପିକା କହନ୍ତି, 'ଏ ବିଷୟରେ କିଛି ସପ୍ତାହ ପୂର୍ବରୁ ମୋତେ ନିର୍ଦ୍ଦେଶକ ସକୁନ ବାତ୍ରା ସୂଚନା ଦେଇଥିଲେ। ଏଥିରେ ମୋତେ ମିଳିଥିବା ଭୂମିକା ମୋତେ ନିଶ୍ଚିତ ମାଇଲେଜ ଦେବ ବୋଲି ଆଶା ରଖିଛି।' ଏହି ଫିଲ୍ମରେ ଦୀପିକାଙ୍କ ବ୍ୟତୀତ ସିଦ୍ଧାନ୍ତ ଚତୁର୍ବେଦୀ, ଅନନ୍ୟା ପାଣ୍ଡେ ମଧ୍ୟ ଅଭିନୟ କରିବେ। ଅନ୍ୟପକ୍ଷରେ ଏହି ଫିଲ୍ମ ବ୍ୟତୀତ ସେ ପ୍ରଭାସଙ୍କ ସହ 'ଦ୍ରୌପଦୀ' ଟାଇଟଲ୍ ବିଶିଷ୍ଟ ଫିଲ୍ମରେ ଅଭିନୟ କରିବେ। ଦେଖାଯାଉ ପ୍ରଭାସ-ଦୀପିକାଙ୍କ ଯୋଡି କ'ଣ କମାଲ କରୁଛି।



ଦୀପିକା

# କେବଳ ଦୁଇ କପ ଚା

ଶ୍ରଦ୍ଧା କପୁରଙ୍କ ସକାଳ କେମିତି ଆରମ୍ଭ ହୁଏ ଜାଣନ୍ତି ? ଦୁଇ କପ ଚା' ରୁ। ନିତ୍ୟକର୍ମ ସାରିବା ପରେ ସେ ଯେମିତି ହେଉ ଦୁଇ କପ ଚା' ପିଅନ୍ତି। ଜାପାନିଜ ଖାଦ୍ୟ ତାଙ୍କର ଭାରି ପସନ୍ଦ। ଏହା ବ୍ୟତୀତ କପ୍‌କେକ ଏବଂ ଚକୋଲେଟ୍ ତାଙ୍କର ପସନ୍ଦୀୟ ଖାଦ୍ୟ। ଶ୍ରଦ୍ଧାଙ୍କର ସବୁଠାରୁ ପ୍ରିୟ ଅଭିନେତା ହେଲେ ଅମିତାଭ ବଚ୍ଚନ। କେବଳ ଜଣେ ଅଭିନେତ୍ରୀ ନୁହନ୍ତି ସେ ମଧ୍ୟ ଜଣେ ଗାୟିକା। 'ଏକ ଭିଲେନ୍'ରୁ ସେ ବଡପରଦା ପାଇଁ ଗାୟିକା ଜୀବନ ଆରମ୍ଭ କରିଥିଲେ। ଗୀତଟି ଥିଲା ଗଲିୟାଁ। ବୋଷ୍ଟନ ୟୁନିଭର୍ସିଟିରେ ସେ ପଢୁଥିବା ବେଳେ ଏକ ନାଟକରେ ଅଭିନୟ କରୁଥିଲେ। ସେଠାରେ ନାଟକ ଦେଖୁଥିବା ସଲମାନ ଖାଁ ତାଙ୍କର ଅଭିନୟ ଦେଖି ଏହାକୁ ନେଇ କ୍ୟାରିୟର କରିବାକୁ ତାଙ୍କୁ କହିଥିଲେ। ଏ ସମ୍ପର୍କରେ ସେ କହନ୍ତି, 'ସଲମାନଙ୍କ ପରି ମହାନ ଅଭିନେତା ମୋ ଅଭିନୟକୁ ଯେତେବେଳେ ପ୍ରଶଂସା କଲେ ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି। ଏବେ ବଲିଉଡ୍‌ରେ ମୋ ଅଭିନୟ ଦର୍ଶକଙ୍କୁ ପ୍ରଭାବିତ କରିଛି ଏବଂ ଏହି ଧାରା ବଜାୟ ରଖିବାକୁ ଭବିଷ୍ୟତରେ ନିଶ୍ଚୟ ଚେଷ୍ଟା କରିବି ବୋଲି କହନ୍ତି ଏହି ଅଭିନେତ୍ରୀ।



ଶ୍ରଦ୍ଧା




# ହାଃ ହାଃ

## ଭାରତ ଛାଡ

ଅନ୍‌ଲାଇନ୍ କ୍ଲାସ୍‌ରେ ମିସ୍ ପିଲାଙ୍କୁ- ଭାରତଛାଡ ଆନ୍ଦୋଳନରେ କିଏ ସାମିଲ ହୋଇଥିଲେ ?
ପପୁ-ବିଜୟ ମାଲ୍ୟା, ଲଳିତ ମୋଦି,ନୀରବ ମୋଦି ଓ ମେହୁଲ ଚୋକ୍‌ସି।

## ଭାସ୍କୋଡାଗାମା

ଶିକ୍ଷକ- ଭାସ୍କୋଡାଗାମା କେବେ ଭାରତ ଆସିଥିଲେ ?
ରାଜା- ସାର୍, ଶୀତଦିନେ।
ଶିକ୍ଷକ- ପାଗଳ ହେଇଗଲୁ ନା କ'ଣ ? କିଏ ତତେ କହିଲା ?
ରାଜା- ସାର୍, ବିଶ୍ୱାସ କରନ୍ତୁ। ମୁଁ ଫଟୋରେ ଦେଖିଛି ସେ ଗୋଟେ ଲମ୍ବା କୋଟ୍ ପିନ୍ଧିଥିଲେ।

## ଜେଲ୍

ଦିନେ ଏକ ଶୁଆ ଏକ କାର୍‌ରେ ଧକ୍କା ହେଇଗଲା। କାର୍‌ରେ ଥିବା ବ୍ୟକ୍ତି ବେହୋସ୍ ହୋଇଥିବା ଶୁଆକୁ ଏକ ପିଞ୍ଜରାରେ ରଖିଦେଲେ।
ପରଦିନ ହୋସ୍ ଆସିବା ପରେ ଶୁଆ- ଆରେ, ମୁଁ କ'ଣ ଜେଲ୍‌ରେ। ସେ କାର୍‌ବାଲା ଲୋକ ମୋ ସହ ଧକ୍କା ହୋଇ ମରିଗଲା ନା କ'ଣ ?

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡିଶା ଫ୍ୟାଶନ ଭିଲ୍ଲା

# ମ୍ୟାକ୍ସି ଡ୍ରେସ୍ ଫ୍ୟାଶନ୍



**ଆଜିକାଲି ମ୍ୟାକ୍ସି ଡ୍ରେସ୍‌କୁ ଯୁବତୀମାନେ ବହୁତ ପସନ୍ଦ କରୁଛନ୍ତି। ଏହା କମ୍ଫଟେବୁଲ ହେବା ସହ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ତେବେ କମ୍ ଉଚ୍ଚତା ଥିବା ଯୁବତୀମାନେ ଏହାକୁ ପିନ୍ଧିବା ସମୟରେ କିଛି କଥା ଉପରେ ଧ୍ୟାନ ଦେବା ଜରୁରୀ। ନଚେତ୍ ଲୁକ୍ ଖରାପ ହେବା ସହ ଆପଣ ଅଧିକ ମୋଟା ଦେଖାଯିବେ....**



**ବେଲ୍ଟ ସହ ପେୟାର କରନ୍ତୁ–** ଏହାଦ୍ୱାରା କେବଳ ଯେ ଷ୍ଟାଇଲିଶ୍ ଲୁକ୍ ମିଳିବ ତାହା ନୁହେଁ, ବରଂ ଶରୀର ସମାନଭାବେ ଡିଭାଇଡ୍ ହୋଇ ଲୋୟର ବଡି ପାର୍ଟକୁ ଲେନ୍ଥ ମିଳେ। ତେଣୁ ଟଲ୍ ଲୁକ୍ ମିଳିଥାଏ।

**ଅଧିକ ଭଲ୍ୟୁମ୍ ତଥା ଅଧିକ ଢିଲା ମ୍ୟାକ୍ସି ଡ୍ରେସ୍‌ଠାରୁ ଦୂରେଇ ରୁହନ୍ତୁ–** ଆପଣ ଯେଉଁ ମ୍ୟାକ୍ସି ଡ୍ରେସ୍ ବାଛନ୍ତୁ ନା କାହିଁକି ତାହା ଆଦୌ ଢିଲା ତଥା ଅଧିକ ଭଲ୍ୟୁମ ବାଲା ହୋଇ ନ ଥିବା ଜରୁରୀ। କାରଣ ଏଭଳି ମ୍ୟାକ୍ସି ଡ୍ରେସ୍ ପିନ୍ଧିଲେ ଆପଣ ମୋଟା ଓ କମ୍ ହାଇଟ୍‌ର ଦେଖାଯିବେ। ସ୍ଲିମ୍ ଫିଟ୍ ମ୍ୟାକ୍ସି ଡ୍ରେସ୍ କମ୍ ଉଚ୍ଚତା ଥିବା ଯୁବତୀଙ୍କ ପାଇଁ ପରଫେକ୍ଟ। ଏଥିରେ ଆପଣ ଡେଙ୍ଗା ଦେଖାଯିବେ।





**ସ୍ଲିଟ୍ ଥିବା ମ୍ୟାକ୍ସି ଡ୍ରେସ୍–** ସ୍ଲିଟ୍ ବାଲା ମ୍ୟାକ୍ସି ଡ୍ରେସ୍ ଆପଣଙ୍କ ପାଇଁ ବେଷ୍ଟ। ଏହାଦ୍ୱାରା ଆପଣଙ୍କ ଗୋଡକୁ ଏକ ଫ୍ରେମ୍ ମିଳିବ ଓ ତାହା ଲମ୍ବା ଦେଖାଯିବ। ସ୍ଲିଟ୍‌ର ଲମ୍ବା ନିଜ ପସନ୍ଦ ମୁତାବକ ବାଛନ୍ତୁ ଓ ଷ୍ଟାଇଲିସ୍ ଲୁକ୍ ପାଆନ୍ତୁ।

**ମୋନୋକ୍ରୋମ୍ ହେଉଛି ପରଫେକ୍ଟ ଅପ୍ସନ–** ଆପଣ ଯେକୌଣସି ସିଙ୍ଗଲ ଡାର୍କ କଲର୍ ବା ମୋନୋକ୍ରୋମ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧନ୍ତୁ। ଏହାଦ୍ୱାରା ଶରୀରକୁ ସିଙ୍ଗଲ ଫ୍ରେମ୍ ଲୁକ୍ ମିଳିବ। ଯାହାଦ୍ୱାରା ଆପଣ ଡେଙ୍ଗା ଦେଖାଯିବେ। ବ୍ଲାକ, ରୟାଲ ବ୍ଲୁ, ଗ୍ରୀନ୍, ରେଡ୍ ପରି ଡାର୍କ କଲର୍ ଆପଣଙ୍କ ପାଇ ବେଷ୍ଟ ଅପ୍ସନ ଅଟେ।

**ଷ୍ଟ୍ରାଇପ୍ ଓ ପ୍ରିଣ୍ଟ–** ହାଇଟ୍ କମ୍ ହୋଇଥିଲେ ସବୁବେଳେ ଭର୍ଟିକାଲ ଷ୍ଟ୍ରାଇପ୍ ପିନ୍ଧନ୍ତୁ। ଏହାଦ୍ୱାରା ଆପଣ ଡେଙ୍ଗା ଦେଖାଯିବେ। ଆଉ ପରଫେକ୍ଟ ଲୁକ୍ ମିଳିବ। ଯଦି ପ୍ରିଣ୍ଟେଡ ମ୍ୟାକ୍ସି ଡ୍ରେସ୍ କିଣିବାକୁ ଚାହୁଁଛନ୍ତି ତେବେ ଛୋଟ ପ୍ରିଣ୍ଟର ମ୍ୟାକ୍ସି ଡ୍ରେସ୍ ବାଛନ୍ତୁ। ବଡ଼ ପ୍ରିଣ୍ଟ ପିନ୍ଧିଲେ ହାଇଟ୍ କମ୍ ଲାଗିବା ସହ ପରଫେକ୍ଟ ଲୁକ୍ ମିଳିବ ନାହିଁ।



# ବୋହିଗଲା ପରି ଲାଗେ କାର୍ପେଟ୍



ଆଜରବାଇଜାନ୍‌ରେ କାର୍ପେଟ୍ ବୁଣିବା ଏକ ବହୁ ପୁରାତନ କଳା। ଏହାର କାର୍ପେଟ୍‌ଗୁଡ଼ିକରେ ନିଖୁଣ କାରିଗରୀ ଦେଖିବାକୁ ମିଳେ। ଏହାକୁ ଯେ କେବଳ ଚଟାଣ ସଜାଇବା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ, କାନ୍ଥ, ସୋଫା, ଚେୟାର୍, ବେଡ୍, ଏମିତିକି ଟେବୁଲ୍‌ର ଶୋଭା ବଢ଼ାଇବା ପାଇଁ ବି ବ୍ୟବହାର କରାଯାଏ। ଆଜରବାଇଜାନ୍, ବାକୁର ନିବାସୀ ଫେଗ୍ ଅହମ୍ମଦ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ସ୍ତରର କାର୍ପେଟ୍ କାରିଗର। ସେ ପାରମ୍ପରିକ ଚାଦରକୁ ଚମତ୍କାର ଆଧୁନିକ ଆର୍ଟରେ ରୂପାନ୍ତରିତ କରିବାରେ ଧୁରୀଣ। ତାଙ୍କର କାର୍ପେଟ ଅନ୍ୟ କାର୍ପେଟ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପ୍ରଥମେ ତ ତାଙ୍କ କାର୍ପେଟ୍‌ର କାମ ପାରମ୍ପରିକ କାର୍ପେଟ୍ ଭଳି ଲାଗେ କିନ୍ତୁ ପରେ ପରେ ସେ ତାକୁ ଏଭଳି ବୁଣନ୍ତି ଯେ, ତାକୁ ଦେଖିଲେ ଲାଗେ ସତେ ଯେମିତି କାର୍ପେଟ୍‌ଟି ହଠାତ୍ ପାଣି ଭଳି ବୋହିବାକୁ ଲାଗୁଛି। ଆଉ ବିଭିନ୍ନ ରଙ୍ଗର ସ୍ରୋତ ଛୁଟିବାକୁ ଲାଗୁଛି। ଅନ୍ୟ କିଛି କାର୍ପେଟ୍‌କୁ ସେ ଏଭଳି ୩ଡି ଲୁକ୍ ଦିଅନ୍ତି, ତାକୁ ଦେଖିଲେ ଲାଗେ ଯେମିତି ପାହାଚ ପାହାଚ ହୋଇ ତାହା ଏକ ଗଭିର ଗାତ ପାଲଟି ଯାଉଛି। କହିବାକୁ ଗଲେ ତାଙ୍କର ସବୁ କାର୍ପେଟ୍ ଗୋଟେ ଗୋଟେ ମାଷ୍ଟର ପିସ୍ ଅଟେ।







ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

